## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ ଓ ପରବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ନୃତ୍ୟ ସଙ୍ଗୀତ କଳା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବ୍ରେଲି ଦିବସ, ସ୍ଥାନ: ରାଣୀପାଟଣା, ସମୟ: ଅପରାହ୍ନ ୪ଟା ୩୦ମିନିଟ୍।

**ଭଦ୍ରକ**

- ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ୨୫ତମ ଶ୍ରାଦ୍ଧ ଉତ୍ସବ ଓ ସ୍ମୃତିସଭା, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦।
- ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ନୀଳମଣି ମିନିଷ୍ଟାଡିୟମ, ଶୁଙ୍ଗୁଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୩।
- ସ୍ୱର୍ଗତ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକ, ସ୍ଥାନ: ମଦର୍ସ ଆବାସିକ ବିଦ୍ୟାଳୟ, ମୋଟେଲ ଛକ, ଭଦ୍ରକ, ସମୟ: ଅପରାହ୍ନ ୪।
- ଶ୍ରୀଚୈତନ୍ୟ ଆଶ୍ରମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀଚୈତନ୍ୟ ଆଶ୍ରମ, ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ସକାଳ ୭।

# ଶିମିଳିପାଳରେ ବନାଗ୍ନି ରୋକିବା ଲାଗି ତତ୍ପରତା

**ବାରିପଦା ଅଫିସ,୩।୧**

ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ରୋକିବା ନିମନ୍ତେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକ(ଆର୍‌ସିସିଏଫ୍) ଟି.ଅଶୋକ କୁମାର ଅଧ୍ୟକ୍ଷତା କରିଥିଲେ। ଜିଲାର ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଏବଂ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ଓ ୩ଜଣ ଅତିରିକ୍ତ ବନ ସଂରକ୍ଷକ ପ୍ରମୁଖ ଉପସ୍ଥିତ ରହି ନିଆଁକୁ ରୋକିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରାକୃତିକ ଓ ମନୁଷ୍ୟକୃତ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ପୋଡୁ ଚାଷ, ଜାଳେଣି, ରାଗ ରଖି ବନ କର୍ମଚାରୀଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ, ଜଙ୍ଗଲ ଜମି ଜବରଦଖଲ, ବେଆଇନ ଗଛକଟାକୁ ଲୁଚାଇବା ନିମନ୍ତେ ଲୋକେ ନିଆଁ ଲଗାଇ ଦେଇଥାନ୍ତି। ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇ ସଜାଗ ରଖାଯିବା ସହ ଜଙ୍ଗଲ ଅଞ୍ଚଳର ଅଧିବାସୀ, ବନବାସୀ, ସାମାଜିକ ସଙ୍ଗଠନ ଏବଂ ପରିବେଶବିତମାନଙ୍କୁ ନେଇ ସମ୍ମିଳିତ ପ୍ରୟାସ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସତର୍କତା ମାଧ୍ୟମରେ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ଶିମିଳିପାଳ ପାଦଦେଶରେ ଲୋକମାନଙ୍କୁ ସଚେତନତା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାନୁଆରୀ ଶେଷ ଓ ଫେବୃଆରୀ ମାସ ଆରମ୍ଭରେ ଅଭୟାରଣ୍ୟ ସମେତ ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲଗୁଡ଼ିକରେ ନିଆଁ ଲାଗିବା ଘଟଣା ଦେଖିବାକୁ ମିଳିଥାଏ । ତେବେ ଚଳିତ ବର୍ଷରେ ନିଆଁକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାକୁ ବନବିଭାଗ ପକ୍ଷରୁ ଜିଲା ପ୍ରଶାସନ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଫାୟାର ପଏଣ୍ଟଗୁଡ଼ିକ ନେଇ ଏକ ମ୍ୟାପ ପ୍ରସ୍ତୁତ କରାଯାଇଛି। ପ୍ରତି ରେଞ୍ଜ ଅନୁଯାୟୀ କର୍ମଚାରୀମାନଙ୍କୁ ଫାୟାର ପଏଣ୍ଟ ବାବଦରେ ଜଣାଇବା ସହ ଉକ୍ତ ସ୍ଥାନ ପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଫାୟାର ଲାଇନ, ମହୁଲ ଗଛ ମୂଳକୁ ପରିଷ୍କାର କରିବା, ଅଗ୍ନି ନିର୍ବାପକ ଯନ୍ତ୍ର, ନୂତନ କର୍ମଚାରୀ ନିଯୁକ୍ତି, ସ୍ୱତନ୍ତ୍ର ଜୋତା ଓ ପୋଷାକ ପ୍ରଦାନ ସହିତ ପ୍ରତି ରେଞ୍ଜରେ ମକ୍‌ଡ୍ରିଲ କରାଯିବ ବୋଲି ଟି.ଅଶୋକ କୁମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରେ ଶିମିଳିପାଳ ଅଭୟାରଣ୍ୟରେ ୮୨୪ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୨୦୨୧ରେ ତାହା ବୃଦ୍ଧି ପାଇ ୪ହଜାର ୪୩୯ ଓ ୨୦୨୨ରେ ୪୮୯ଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ କରାଯାଇଥିଲା। ଅଭୟାରଣ୍ୟକୁ ନିଆଁ ବିପତ୍ତିରୁ ରକ୍ଷା କରିବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

# ରତିଶାରେ ଧାନ କିଣିଲେ ମହିଳା ଗୋଷ୍ଠୀ


ମହିଳା ଗୋଷ୍ଠୀ ଧାନକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

**ଖଇରା, ୩।୧(ଡି.ଏନ.ଏ.)**

ଖଇରା ବ୍ଲକରେ ପ୍ରଥମ କରି ରତିଶା ମହିଳା ସାମୁଖ୍ୟ ପକ୍ଷରୁ ରତିଶା ପଞ୍ଚାୟତରେ ଧାନକିଣା ଆରମ୍ଭ ହୋଇଛି । ମଙ୍ଗଳବାର ସକାଳେ ସରପଞ୍ଚ ବାସନ୍ତୀ ମହାନ୍ତି, ସମିତିସଭ୍ୟା ଛବିଲତା ମହାପାତ୍ର ଏହି ଧାନକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ମହିଳା ଗୋଷ୍ଠୀ ସଭାପତି ପ୍ରଭାସିନୀ ମହାପାତ୍ର, ସମ୍ପାଦିକା ଫୁଲରାଣୀ ସାହୁ, ବର୍ତ୍ତନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୧୩ଜଣ ଚାଷୀଙ୍କ ନିକଟରୁ ୪୫୧ କୁଇଣ୍ଟାଲ ଧାନ କିଣାଯାଇଥିଲା।

## ସମବାୟ ସମିତି ନୂତନ ଗୃହ ପ୍ରବେଶ ଉତ୍ସବ

**ଭଣ୍ଡାରିପୋଖରୀ, ୩।୧ (ସ୍ୱ.ପ୍ର.)**

ଭଣ୍ଡାରିପୋଖରୀ ବ୍ଲକ ନାଆମୀ ସେବା ସମବାୟ ସମିତିର ନୂତନ ଗୃହ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ବଦ୍ରି ନାରାୟଣ ରାଉତ, ସରପଞ୍ଚ ସସ୍ମିତା ସେଠୀ, ବିଶ୍ୱନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ମାଝି, ସମିତିସଭ୍ୟ ସନ୍ତୋଷ ନାୟକ, ଦିବାକର ନାୟକ, ନୃସିଂହ ସାହୁ, ରବୀନ୍ଦ୍ର ଜେନା, ମନୋରଞ୍ଜନ ସାହୁ, ରଶ୍ମିତା ପାଢ଼ୀ, ବିନୋଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାନେତ୍ରୀ ମମତା ଦାସ, ଧୀରେନ୍ଦ୍ର ପ୍ରସାଦ ଜେନା, ବିଷ୍ଣୁପ୍ରସାଦ ଜେନା, ଶାନ୍ତନୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସମିତି ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ ଧନ୍ୟବାଦ ଦେଇଥିଲେ। ରବୀନ୍ଦ୍ର ସାହୁ, ଫକୀର ମୋହନ ବେହେରା, ସୁଶାନ୍ତ ନାୟକ, ନିତାଇ ଚରଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ଧରାପଡ଼ିଲେ ଦଲାଲ

### ରକ୍ତ କିଣାବିକା ଘଟଣା

**କେନ୍ଦୁଝର,୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କୁ ରକ୍ତ ବିକ୍ରି କରିବା ଘଟଣାରେ ଟାଉନ ପୋଲିସ ଜଣେ ଦଲାଲଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଚିନ୍ମୟ ପ୍ରସାଦ ଜେନା (୨୨)। ତାଙ୍କ ଘର ଟାଉନ ଥାନା ଅଧୀନ କବିତ୍ରା ଗ୍ରାମରେ।

ଲସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅନ୍ତର୍ଗତ ବଡ଼ପାହାଡ଼ ଗ୍ରାମର ସରସ୍ୱତୀ ମହାନ୍ତ ତାଙ୍କ ବାପାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଗତ ଡିସେମ୍ବର ୩୧ ତାରିଖରେ ଆଣିଥିଲେ। ତାଙ୍କୁ ଡାକ୍ତର ଗୋଟିଏ ରକ୍ତ ଯୋଗାଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଅର୍ଥ ନ ଥିବା ଓ କୌଣସି ପରିଚିତ ନ ଥିବାରୁ ସରସ୍ୱତୀ ରକ୍ତ ଭଣ୍ଡାର ଆଗରେ ମନ ଦୁଃଖରେ ବସିଥିବା ବେଳେ ଅଭିଯୁକ୍ତ ଚିନ୍ମୟ ତାଙ୍କୁ ପଚାରି ମାଗଣାରେ ରକ୍ତ ଯୋଗାଡ କରିଦେବେ ବୋଲି ଆଶ୍ୱାସନା ଦେଇ ଚାଲିଯାଇଥିଲେ। ପରେ ଅନ୍ୟ ଜଣେ ଯୁବକଙ୍କୁ ଡାକି ତାଙ୍କ ବାପାଙ୍କୁ ରକ୍ତ ଦେଇଥିଲେ। କିଛି ସମୟ ପରେ ଚିନ୍ମୟ ରକ୍ତ ବାବଦକୁ ସରସ୍ୱତୀଙ୍କୁ ୩୦୦୦ ଟଙ୍କା ମାଗିଥିଲେ। ନିରୂପାୟ ହୋଇ ସେ ଟଙ୍କା ବଢ଼ାଇ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର କେତେକ ସାମାଜିକ କର୍ମୀ ଏକଥା ଜାଣିବା ପରେ ସରସ୍ୱତୀଙ୍କୁ ମେଡିକାଲ ପରିସରରେ ଥିବା ପୋଲିସ ଆଉଟ ପୋଷ୍ଟରେ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ସରସ୍ୱତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୩୦୦୦ ଟଙ୍କା ଜବତ କରିଛି। ପୋଲିସ ଏହି ଘଟଣାରେ ଥାନାରେ ଏକ ମାମଲା(ନଂ.୩/୨୩) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦୁଝର ରକ୍ତ ଭଣ୍ଡାରକୁ ଆସୁଥିବା ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟଙ୍କଠାରୁ ଦୀର୍ଘ ବର୍ଷ ହେଲା ଦଲାଲମାନେ ବିଭିନ୍ନ ଆଳରେ ଟଙ୍କା ଲୁଟ କରି ଆସୁଥିଲେ ମଧ୍ୟ ଧରାପଡୁ ନ ଥିଲେ। ଏହି ଘଟଣା ପରେ ଦଲାଲମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ବରବେଡ଼ା ସାହିରେ ମରାମତି ହେଲା ଅଚଳ ନଳକୂପ

**ଆନନ୍ଦପୁର/କଣ୍ଟିପାଳ,୩।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ କଣ୍ଟିପାଳ ପଞ୍ଚାୟତର ବରବେଡା ସାହିରେ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ନୂତନ ନଳକୂପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ଅଚଳ ନଳକୂପ ମରାମତି ହୋଇଛି। ଦୁଇ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଏହି ଅଞ୍ଚଳରେ ତିନିମାସ ଧରି ସ୍ଥାନୀୟ ଲୋକେ ପାନୀୟଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ। ନିକଟସ୍ଥ ଘାଗରା ନାଳ ଉପରେ ସେମାନେ ନିର୍ଭର କରୁଥିଲେ। ଏ ସମ୍ପର୍କରେ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ବାଲିଆପାଳର ସ୍ୱାଭିମାନ ପାଇଁ ଆନ୍ଦୋଳନ

**ବାଲିଆପାଳ, ୩।୧(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳର ସ୍ୱାଭିମାନ ରକ୍ଷା ପାଇଁ ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ। ବାଲିଆପାଳ ମାଟିକୁ ସରସ ସୁନ୍ଦର କରିବା ପାଇଁ ପର୍ଯ୍ୟାୟକ୍ରମେ ମହାତ୍ମା ଗାନ୍ଧୀ ଓ ସୁବାସ ବୋଷଙ୍କ ମାର୍ଗରେ ଆନ୍ଦୋଳନ କରାଯିବାକୁ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବାଲିଆପାଳର ହକ୍ ଓ ସ୍ୱାଭିମାନ ପାଇଁ ୬ ଦଫା ସମ୍ବଳିତ ଦାବି ଯଥା ସରକାରଙ୍କ ଦ୍ୱାରା ବିକ୍ରି କରି ଦିଆଯାଇଥିବା ଶ୍ରୀଗୋପୀନାଥ ସୂତାକଳ ତୁରନ୍ତ କାର୍ଯ୍ୟକ୍ଷମ କରିବା, ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀକୁ ବାଲିଆପାଳ-ବସ୍ତା ନାମରେ ନାମିତ କରିବା, ବିଶ୍ୱର ଅଦ୍ୱିତୀୟ ଆକର୍ଷଣୀୟ ଡଗରା ବେଳାଭୂମିର ସର୍ବାଙ୍ଗୀନ ବିକାଶ କରାଯାଇ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟାପ୍ତ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବା, ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ବଲିଆପଳରେ ବୈଷୟିକ ଶିକ୍ଷାନୁଷ୍ଠାନ ଯଥା ଆଇଆଇଟି, ଇଞ୍ଜିନିୟରିଂ କଲେଜ ଖୋଲିବା, ବାଲିଆପାଳକୁ ଏନ୍‌ଏସିର ମାନ୍ୟତା ଦିଆଯିବା, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ଖୁବ୍‌ଶୀଘ୍ର ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଉକ୍ତ ଦାବିକୁ ଜିଲାପାଳ, ତହସିଲଦାରଙ୍କ ସହିତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ପ୍ରଶାସନିକ ଅଧିକାରୀଙ୍କ ଅବଗତ କରିବାର ୭ଦିନ ମଧ୍ୟରେ ଏହାର କୌଣସି ପଦକ୍ଷେପ ସରକାର ନ ନେଲେ ମହାତ୍ମାଗାନ୍ଧୀଙ୍କ ଅହିଂସା ପଥରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ସଦସ୍ୟ ରାଧାକୃଷ୍ଣ ଦାସ ମହାପାତ୍ର, ରାମଚନ୍ଦ୍ର ରାଉତ, ସଦାଶିବ ସେଠୀ, ଭକ୍ତରଞ୍ଜନ କର, ବାଲିଆପାଳ ଶିକ୍ଷିତ ବେକାର ଯୁବକ ମଞ୍ଚର ଆବାହକ ଦେବାଶିଷ ପାତ୍ର, ମନୋଜ କୁମାର ଜେନା, ଶ୍ରୀକ୍ଷେତ୍ର ଖାଦ୍ୟ ସଙ୍ଘର ସଭାପତି ହରିହର ପ୍ରଧାନ, ବାଲିଆପାଳ ଡ୍ରାଇଭର ସଂଘର ସଂଯୋଜକ ଜୟନାରାୟଣ ଗଙ୍ଗାଇ, ରୟତ ଖାଁ ଓ ଧ୍ରୁବପରିଡ଼ା ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଚେତାବନୀ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ବାଲିଆପାଳ ସ୍ୱାଭିମାନୀ ମଞ୍ଚର କର୍ମକର୍ତ୍ତା।

# ପୂର୍ବତନ ସାମରିକ କର୍ମଚାରୀଙ୍କ ପରଲୋକ

**ପଦ୍ମପୁର, ୩।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏଡ଼ତାଳ ଗ୍ରାମର ପୂର୍ବତନ ସାମରିକ କର୍ମଚାରୀ ଗୁଣନିଧି ନାୟକ(୬୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ଭାରତୀୟ ସାମରିକ ସେବାରୁ ଅବସର ନେଇ ଘରେ ରହୁଥିଲେ। ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

ତାଙ୍କ ପୁଅ ପ୍ରିୟରଞ୍ଜନ ମଧ୍ୟ ଏବେ ସାମରିକ ବିଭାଗରେ କାର୍ଯ୍ୟରତ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଶୋଭାଯାତ୍ରାରେ ଘରକୁ ନେଇଥିଲେ। ସରପଞ୍ଚ ଜୟଶ୍ରୀ ପଲେଇ, ସମିତିସଭ୍ୟ ବିମଳ କିଶୋର ପଲେଇ, ସାମାଜିକ କର୍ମୀ ଅର୍ଜୁନ ମଲ୍ଲିକ, ଉମେଶ ପଲେଇ, କୈଳାସ ନାଥଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।


ମୃତ ସାମରିକ କର୍ମଚାରୀଙ୍କୁ ଗ୍ରାମବାସୀ ସମ୍ମାନ ଜଣାଉଛନ୍ତି।

# ରିପୋର୍ଟରେ ଅସନ୍ତୋଷ ପ୍ରକାଶ କଲେ ବିଧାୟକ

### ବ୍ଲକ ଅଫିସରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଧାମନଗର, ୩।୧(ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବିଡିଓ ବନ ବିହାରୀ ଦିଣ୍ଡା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଅଗ୍ରଗତି ତଥା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଧାୟକ ସମୀକ୍ଷା କରିଥିଲେ। ବ୍ଲକରେ ଚାଲିଥିବା ୫-ଟି କାର୍ଯ୍ୟ, ଅଙ୍ଗନୱାଡି କେନ୍ଦ୍ର ଗୃହ କାର୍ଯ୍ୟ, ବିଧାୟକ ଅନୁଦାନ ପାଣ୍ଠି , ରାସ୍ତା ଓ ପୋଲ ଆଦି କାର୍ଯ୍ୟର ସମୀକ୍ଷା କରି ତୁରନ୍ତ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ।

ଏହା ବିଧାୟକଙ୍କ ପ୍ରଥମ ସମୀକ୍ଷା ବୈଠକ ଥିଲା। ବୈଠକରେ ବ୍ଲକ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ତାଳ ମେଳ ନ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଅଧିକାରୀ ଓ ଯନ୍ତ୍ରୀ ବହୁ କାର୍ଯ୍ୟର ରିପୋର୍ଟ ଦେଇପାରି ନ ଥିଲେ। ତୁରନ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମୀକ୍ଷା ହୋଇଥିବା ବେଳେ ବିଧାୟକ ଯେଉଁ ଡାଟା ସବୁ ମାଗିଥିଲେ ବ୍ଲକ ପକ୍ଷରୁ ଦିଆଯାଇପାରି ନ ଥିଲା। ବିଧାୟକ ଅସନ୍ତୁଷ୍ଟ ହୋଇ ଆସନ୍ତା ୧୭ ତାରିଖରେ ଆଉଥରେ ସମୀକ୍ଷା କରାଯିବ ବୋଲି କହି ଫେରିଯାଇଥିଲେ।


ସମୀକ୍ଷା ବୈଠକରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅଧିକାରୀମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ ପୂରନ


@ ମାମାଲି


@ ରବାନୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ଗରମତେଲରେ ପଡ଼ି ନାବାଳିକା ଗୁରୁତର


ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସାଧୀନ ନାବାଳିକାଙ୍କ ସହ ପରିବାର ଲୋକ।

**ଆନନ୍ଦପୁର, ୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ଖାଲପାଳ ଗ୍ରାମରେ ମଙ୍ଗଳବାର ସକାଳେ ବାପାଙ୍କ ଜଳଖିଆ ଦୋକାନରେ ଗରମ ତେଲରେ ପଡ଼ି ନାବାଳିକା ଝିଅ ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ସମ୍ବରା ମୁର୍ମୁ ଦୋକାନରେ ଜଳଖିଆ ପାଇଁ ତେଲ ଗରମ କରୁଥିଲେ। ନିକଟରେ ତାଙ୍କ ୯ ବର୍ଷର ଝିଅ ଖେଳୁଥିବା ସମୟରେ ଅସାବଧାନତାବଶତଃ ଗରମ ତେଲ କଡ଼େଇରେ ପଡ଼ିଯାଇଥିଲେ। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି।

# ଗର୍ଭିଣୀ ଛେଳି ସହ ଅପ୍ରାକୃତିକ ଯୌନ ସମ୍ପର୍କ: ଛେଳି ମୃତ, ଜଣେ ଅଟକ

**ଖଇରା, ୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗର୍ସଙ୍ଗ ଗ୍ରାମରେ ଗର୍ଭିଣୀ ଛେଳି ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଘଟଣାରେ ସିମୁଳିଆ ପୋଲିସ ବସନ୍ତ ଦାସ ନାମକ ଯୁବକଙ୍କୁ ଅଟକ ରଖିଛି । ଛେଳି ମାଲିକ ବାସନ୍ତୀ ଦାସ ଏନେଇ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବସନ୍ତ ସୋମବାର ରାତିରେ ସେହି ଗ୍ରାମର ବାସନ୍ତୀଙ୍କ ଗୁହାଳକୁ ଯାଇ ଉକ୍ତ ଛେଳିସହ ଏହି କାଣ୍ଡ ଘଟାଇଥିଲେ। ଛେଳିର ଚିତ୍କାର ଶୁଣି ଘରମାଲିକ ଗୁହାଳକୁ ଯାଇ ଘଟଣା ଦେଖିବା ପରେ ଚିକିତ୍ସା ପାଇଁ ପ୍ରଥମେ ଅନ୍ତରା ଓ ପରେ ଖଇରା ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏଥିସହ ସିମୁଳିଆ ପୋଲିସକୁ ଜଣାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଛେଳି ମୃତ୍ୟୁବରଣ କରିବା ପରେ ଏହାର ବ୍ୟବଚ୍ଛେଦ କରାଯାଇଛି ।

# ଆରଡ଼ି ଦେଇ ଏନ୍‌ଏଚ୍-୨୦ ଯିବା ଆଶା ଉଜ୍ଜୀବିତ

**ଆରଡ଼ି, ୩।୧(ଡି.ଏନ୍.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଦେଇ ପୂର୍ବରୁ କୁଆଖିଆରୁ ସାତଭାୟା ପର୍ଯ୍ୟନ୍ତ ଏନ୍‌ଏଚ୍-୨୦ ନିର୍ମାଣ କରାଯାଇଥିଲା। ମାତ୍ର ୩ ବର୍ଷ ତଳେ ଏହି ରାସ୍ତାର ଗତିପଥ ବଦଳାଇ ଦିଆଯାଇଥିଲା। ପରିବର୍ତ୍ତିତ ରାସ୍ତା ଭାୟା ଆରଡ଼ି ପରିବର୍ତ୍ତେ ରାଜକନିକା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ରାସ୍ତା ପୂର୍ବପରି ଆରଡ଼ି ଦେଇ ଯିବା ପାଇଁ ଧାମନଗର ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ସ୍ୱର ଉଠାଇଥିଲେ। ଆରଡ଼ି ଅଞ୍ଚଳର ଜନସାଧାରଣ ମଧ୍ୟ ଏନେଇ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗତ ଡିସେମ୍ବରରେ ଆରଡ଼ି ଅଞ୍ଚଳର ଭାଜପା ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରେଶ ସାହୁ ଏ ସଂକ୍ରାନ୍ତରେ ଏକ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀରେ ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହାକୁ ଗୁରୁତର ସହ ଗ୍ରହଣ କରି ଦାବିପତ୍ରକୁ ମନ୍ତ୍ରଣାଳୟରୁ ପତ୍ରସଂଖ୍ୟା-୨୪୧୮/୨୩ରେ ବିଭାଗୀୟ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ଏକ ଚିଠି ଲେଖିଥିବା ସୂଚନା ମିଳିଛି। ଏନ୍‌ଏଚ୍-୨୦ ପୁନଃ ଆଖଣ୍ଡଳମଣି ପୀଠ ଆରଡ଼ି ଦେଇ ଯିବାକୁ ବିଚାର କରିବାକୁ ଉକ୍ତ ଚିଠିରେ ଦର୍ଶାଯାଇଛି। ଫଳରେ ପୁନର୍ବାର ଏହି ଜାତୀୟ ରାଜପଥ ଆରଡ଼ି ଅଞ୍ଚଳ ଦେଇ ଯିବାର ଆଶା ଉଜ୍ଜୀବିତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିବା ସହ ଆବେଦନକାରୀ ସୁରେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଠକେଇ ଅଭିଯୋଗରେ ୩ ଗିରଫ

**ରାଇରଙ୍ଗପୁର,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ତିରିଂ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକଙ୍କୁ ହନୁମାନ ପଇସା ବଦଳରେ ତମ୍ବା ପଇସା ଦେଇ ଠକେଇ ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତିରିଂ ଥାନା ଅନ୍ତର୍ଗତ ଜଟା ଗ୍ରାମର ଗୋବିନ୍ଦ ବିନ୍ଧାଣୀ, ସାନନାରାୟଣୀ ଗ୍ରାମର ମଙ୍ଗଳବାରୀ ଏବଂ ହୁମାଡିହି ଗ୍ରାମର ପ୍ରତାପ ଚନ୍ଦ୍ର ସିଂହ। ମଙ୍ଗଳବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରାଇରଙ୍ଗପୁର ସର୍କଲ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଏକ୍ସପୋ ପାଇଁ ଅଡିଶନ

**ବାଲେଶ୍ୱର ଅଫିସ, ୩।୧:** ବାଲେଶ୍ୱର ସହର ଆଇଟିଆଇ ପଡ଼ିଆରେ ଆସନ୍ତା ଜାନୁୟାରୀ ୨୪ରୁ ୨୯ତାରିଖ ୬ ଦିନ ବ୍ୟାପି ଜାତୀୟ ସ୍ତରୀୟ ଶିଳ୍ପ ଓ ବାଣିଜ୍ୟ ମେଳା ଏକ୍ସପୋ ଓଡ଼ିଶା-୨୦୨୩ ଅନୁଷ୍ଠିତ ହେବ। ଏଥିରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ପାଇଁ ଅଡ଼ିଶନ ଆସନ୍ତା ୬ ଓ ୭ ତାରିଖ (ଶୁକ୍ରବାର ଓ ଶନିବାର) ତାମୁଲିଆ ଓଭରବ୍ରିଜଠାରେ ଥିବା ଏଲ୍‌ଏନ୍ ପ୍ଲାଜା ପରିସରରେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଥିବା ଇଚ୍ଛୁକ ପ୍ରାର୍ଥୀମାନେ ଉଦ୍ୟୋଗ ଭବନସ୍ଥିତ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ଅଫିସ୍‌ରେ ଯୋଗାଯୋଗ କରିବା ପାଇଁ ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଜଣାଯାଇଛି।

### ଟ୍ରାକ୍ଟର ଧକ୍କାରେ ସାଇକେଲ ଚାଳକ ମୃତ

**କୁଲିଅଣା,୩।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଲିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଗାଙ୍ଗରାଜ ଛକ ନିକଟରେ ମଙ୍ଗଳବାର ସକାଳେ ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁଲିଅଣା ଥାନା ଗାଙ୍ଗରାଜ ପଞ୍ଚାୟତ ଅଧୀନ ଡାହିସାହି ଗ୍ରାମର ବଳରାମ ନାଏକ (୪୮)। ସେ ସାଇକେଲରେ ବାରିପଦାକୁ କାମ କରିବା ପାଇଁ ଯାଉଥିବା ସମୟରେ ପଛ ପଟୁ ଟ୍ରାକ୍ଟର ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧/୨୩) ରୁଜୁ ହୋଇଛି।

### ଖବରଦାତାଙ୍କ ବିୟୋଗ

**ବନ୍ତ, ୩।୧(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକର ଖବରଦାତା ପ୍ରଫୁଲ୍ଲ କୁମାର ଦାଶ(୩୬)ଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ସେ ଗତ କିଛି ମାସ ହେଲା ଅସୁସ୍ଥ ଥିଲେ। ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର ଏମ୍ସରେ ତାଙ୍କର ଏକ ଅସ୍ତ୍ରୋପଚାର ହେବାର ଥିଲା। ମଙ୍ଗଳବାର ଭୋର ସମୟରେ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମରଶରୀର ବନ୍ତରେ ପହଞ୍ଚିବା ପରେ ବ୍ଲକର ସମସ୍ତ ଖବରଦାତା ବଜାର ପରିକ୍ରମା କରାଇ ତାଙ୍କ ବାସଭବନକୁ ନେଇଥିଲେ। ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଖବରଦାତା ପତଞ୍ଜଳି କରଶର୍ମା, ହରି ନାରାୟଣ ମହାନ୍ତି, ସନାତନ ରାଉତ, ଅକ୍ଷୟ ନାରାୟଣ ଦାସ, ହେମନ୍ତ ସିଂହ, ମାର୍କଣ୍ଡ ଧଡ଼ା, ରବୀନ୍ଦ୍ର ଓଝା, ସୁକାନ୍ତ ଜେନା, ସମ୍ବିତ ପଣ୍ଡା, ଉମେଶ କର, ଅର୍ପିତା ଓଝା ପ୍ରମୁଖ ଶେଷଦର୍ଶନ କରିଥିଲେ। ତାଙ୍କ ପୁତୁରା ଅବିନାଶ ମୁଖାଗ୍ନି ଦେଇଥିଲେ।


ପ୍ରଫୁଲ୍ଲ ଦାଶ

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ: ଅଭିଯୁକ୍ତ ଗିରଫ

**ବଡ଼ବିଲ, ୩।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରୁଗୁଡି ଗ୍ରାମର ଘନ ମୁଣ୍ଡା। ସୂଚନା ଅନୁଯାୟୀ, ଗତ ଶନିବାର ସନ୍ଧ୍ୟାରେ ଉକ୍ତ ଗ୍ରାମର ଯୁଧିଷ୍ଠିର ସେଠୀ ନାମକ ଯୁବକ ଘରେ ହୋଇଥିବା ପୂଜାର ଭୋଗ ନେଇ ପଡ଼ୋଶୀ ଘନଙ୍କ ଘରକୁ ଯାଇଥିଲେ। ହଠାତ୍ ଘନ ଉତ୍ୟକ୍ତ ହୋଇ ଘର ଭିତରୁ ଏକ ଖଣ୍ଡା ଆଣି ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ଯୁଧିଷ୍ଠିର ହାତ ଦେଖାଇ ଦେବାରୁ ତାଙ୍କ ବାମହାତ ଅଙ୍ଗୁଳି କଟିଯାଇଥିଲା। ସେ କୌଣସିମତେ ସେଠାରୁ ଖସି ଆସି ତାଙ୍କ ସାନଭାଇ ପ୍ରଦୀପଙ୍କୁ ଡାକି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସୋମବାର ସାମାନ୍ୟ ସୁସ୍ଥ ହେବାରୁ ସେ ଏନେଇ ରୁଗୁଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨/୨୦୨୩) ରୁଜୁ କରି ଅଭିଯୁକ୍ତ ଘନଙ୍କୁ ଗିରଫ କରିବା ସହ ଖଣ୍ଡାକୁ ଜବତ କରିଛି।

### ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର

**ବଡ଼ସାହି,୩।୧(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଗୋରୁ ଚରାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ବଳିଆ ମହାପାତ୍ର(୨୧) ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଥାନାରେ ଆତ୍ମ ସମର୍ପଣ କରିଥିବା ବେଳେ ପୀଡ଼ିତାଙ୍କ ଡାକ୍ତରୀ ମାଇନା ହୋଇଥିବା ପୋଲିସ ସୂଚନା ଦେଇଛି।

# ଉଠାଦୋକାନୀଙ୍କୁ ଥଇଥାନ ଦାବି ତେଜିଲା

**ବାଲେଶ୍ୱର ଅଫିସ, ୩।୧**

ବାଲେଶ୍ୱର ପୌରାଞ୍ଚଳର ୧୩ ଓ ୧୪ ନଂ. ୱାର୍ଡର ବିସ୍ଥାପିତ ଉଠା ଦୋକାନୀମାନଙ୍କୁ ସ୍ଥାୟୀ ଥଇଥାନ ନିମନ୍ତେ ମଙ୍ଗଳବାର ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଦାବି ଅନୁସାରେ, ୧୩ ନଂ. ଓ ୧୪ ନଂ. ୱାର୍ଡ଼ ଅନ୍ତର୍ଗତ ଫକୀରମୋହନ କଲେଜ ନିକଟରେ ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ଧରି ବହୁ ଉଠାଦୋକାନୀ ଜୀବନଜୀବିକା ପାଇଁ ଟ୍ରାଫିକ ନିୟମ ମାନି ବ୍ୟବସାୟ କରିଆସୁଥିଲେ। ସରକାରଙ୍କ କୌଣସି ନିଯୁକ୍ତି ନ ଥିବା ଯୋଗୁ ସେମାନେ ନିଜର ପରିବାରର ପ୍ରତିପୋଷଣ ପାଇଁ ବିଭିନ୍ନ ସଂସ୍ଥାରୁ ଋଣ ନେଇ ବ୍ୟବସାୟ କରିଆସୁଥିଲେ। ମାତ୍ର ଗତ ଡିସେମ୍ବର ୨୯ ତାରିଖରେ ବିନା ସୂଚନାରେ ହଠାତ୍ ପୌର କର୍ତ୍ତୃପକ୍ଷ ଦୋକାନ ଭାଙ୍ଗିବା ସହିତ ବହୁ ଦୋକାନ ଉଠାଇ ନେଇଛନ୍ତି। ଯଦ୍ୱାରା ସେମାନଙ୍କର ବ୍ୟବସାୟରେ କ୍ଷତି ହେବା ସହିତ ପରିବାରର ପ୍ରତିପୋଷଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପରିବାର ପ୍ରତିପୋଷଣ ଓ ଋଣ ଶୁଝିବା ପାଇଁ ସେମାନଙ୍କୁ ଥଇଥାନ କରିବା ପାଇଁ ଏକ ବିକଳ୍ପ ସ୍ଥାନ ଦିଆଯାଉ ଓ ବିକଳ୍ପ ସ୍ଥାନ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ଉକ୍ତ ସ୍ଥାନରେ ପ୍ରଶାସନର ନିୟମ ଭିତରେ ବ୍ୟବସାୟ କରିବା ପାଇଁ ଅନୁମତି ଦିଆଯାଉ ବୋଲି ଉଲ୍ଲେଖ କରାଯାଇଛି। ପ୍ରତିନିଧି ଦଳରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଉମେଶ ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ସୌଭାଗ୍ୟ ମାନସ ନାୟକ, ମାନସ ସାହୁ ଓ ବହୁ ଉଠାଦୋକାନୀ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଉଠାଦୋକାନୀ।

# ଆହତ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

**ବାରିପଦା ଅଫିସ,୩।୧**

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ୧୮ନଂ. ଜାତୀୟ ରାଜପଥର ଜୁବୁଲି ପେଟ୍ରୋଲ ପମ୍ପ ନିକଟରେ ରବିବାର ବସ୍ ଦୁର୍ଘଟଣାରେ ଗୁରୁତର ଆହତ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଛି। ସେ ହେଲେ ଚାନ୍ଦୁଆ ଥାନା ଅଧୀନ ବିଷ୍ଣୁ ଭଞ୍ଜ ଗ୍ରାମର ତୁଷାରକାନ୍ତି ସି(୨୧)। ତାଙ୍କୁ ପ୍ରଥମେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସେ ତାଙ୍କ ବାମ ଗୋଡ଼ଟି ହରାଇ ଥିବା ବେଳେ ଡାହାଣ ଗୋଡ଼ଟି ପ୍ଲାଷ୍ଟର କରାଯାଇଛି। ତାଙ୍କ ବଡ଼ଭାଇଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଆଇସିୟୁରୁ ଆସି ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେ ସୁସ୍ଥ ହେବାର ବର୍ଷକ ପରେ କୃତ୍ରିମ ଗୋଡ଼ ଲାଗିପାରିବ ବୋଲି ଡାକ୍ତର କହିଛନ୍ତି। ଏଥିପାଇଁ ବହୁ ଅର୍ଥର ଅବଶ୍ୟକତା ଥିବାରୁ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। ତେବେ ଟାଉନ ଥାନାଧିକାରୀଙ୍କ ସୂଚନାକୁ ଭିତ୍ତିକରି ତୁଷାରଙ୍କ ମୃତ୍ୟୁ ଘଟିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଛି। ଯାହାକି ଏକ ଅନିଚ୍ଛାକୃତ ତ୍ରୁଟି। ଧରିତ୍ରୀ ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ ସହ ଦୀର୍ଘ ଜୀବନ କାମନା କରାଯାଉଛି। ବିଭିନ୍ନ ରାଜନୈତିକ ଦଳର ନେତା, କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗର ହାତ ବଢ଼ାଇବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବଦଳି ଦାବି

**ରୂପସା, ୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ବେହେରା ଓ ଜଣେ ସହକାରୀ ଶିକ୍ଷୟିତ୍ରୀ ମିନତୀ ସୋରେନଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଓ ଶାନ୍ତି କମିଟିକୁ ବେଖାତିର୍ କରି ବିଦ୍ୟାଳୟରେ ହେଉଥିବା ବିଭିନ୍ନ ଅନିୟମିତତା ଓ ବିଶୃଙ୍ଖଳା ପାଇଁ ସେମାନଙ୍କ ବଦଳି ଦାବି ହୋଇଛି। ବସ୍ତା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କୁ ସୋମବାର ଭେଟି କମିଟି ସଭାପତି ରାଜେନ୍ଦ୍ର ପାଣିଗ୍ରାହୀ, ଉପସଭାନେତ୍ରୀ ଅଞ୍ଜନା ବାରିକ, ସଭ୍ୟ ଯୋଗେନ୍ଦ୍ର ଦାସ, ମନୋରଞ୍ଜନ ଦାସ, ସନାତନ ସିଂ, ସଭ୍ୟା ମମତା ରାଉଳ, ଅଭିଭାବକ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଉଭୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି ପାଇଁ ଏକ ଦାବିପତ୍ର ପ୍ରଦାନ କରି ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଏକ ସପ୍ତାହ ପରେ ଅଭିଭାବକଙ୍କ ପକ୍ଷରୁ ବିଦ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ବିଦ୍ୟାଳୟ ଆଞ୍ଚଳିକ ସାଧନକେନ୍ଦ୍ର ହୋଇଥିବାରୁ ଏଠାରେ ଜଣେ ଦକ୍ଷ ଓ ଅଭିଜ୍ଞ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ହେଉ ବୋଲି ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଘଟଣା ସମ୍ପର୍କରେ ବୁଝାଶୁଝା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଇଓ ସ୍ନିଗ୍ଧା ପଣ୍ଡା କହିଛନ୍ତି।


ବିଇଓଙ୍କ ସହ କମିଟି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

## ପଦଯାତ୍ରାକୁ ସ୍ୱାଗତ

**ବିଶୋଇ,୩।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ନେଇ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମିର ରାଜ୍ୟ ସଭାପତି ସୁକଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଗତ ୧ ତାରିଖରୁ ବାରିପଦାରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ବାହାରିଥିବା ପଦଯାତ୍ରା ମଙ୍ଗଳବାର ବିଶୋଇରେ ପହଞ୍ଚିଛି। ବିଶୋଇ ବଜାରଠାରେ ପଦଯାତ୍ରା ପହଞ୍ଚିବା ପରେ ୩୪ ନଂ. ଜୋନ ଜିଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ଯୁବ ସଂଘର ଅଭିଜିତ ମହାନ୍ତି, ଦିଲ୍ଲୀପ ସି, କୁଞ୍ଜକିଶୋର ନାଏକ, ଶେଷଧର ଗିରି, ବନମାଳୀ ଗିରିଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହି ପଦଯାତ୍ରାକୁ ସମର୍ଥନ ଜଣାଯାଇଥିଲା।

# ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ଅମ୍ରିତାଙ୍କ ପ୍ରକଳ୍ପ

**ଭଦ୍ରକ ଅଫିସ, ୩।୧**

ଭଦ୍ରକ ଜିଲା ବନ୍ତ ବ୍ଲକ ମହାନ୍ତିପଡ଼ାର ଆଶାମଣି ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅମ୍ରିତା ବିଶ୍ୱାଳଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। ବାସୁଦେବପୁର ବ୍ଲକ ବିନାୟକପୁର ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ସେ 'ଟ୍ରାଫିକ ଆଲର୍ଟ ଫର୍ ସେଭ୍ ଲାଇଫ୍' ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଆସନ୍ତା ଗୁରୁବାର ଖୋର୍ଦ୍ଧା ବିଜେବି ହାଇସ୍କୁଲଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସେ ଭାଗନେବେ।

ପୁରୁଷଣ୍ଡ ଗ୍ରାମର ଶିକ୍ଷକ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ମଳୟ ମଞ୍ଜରୀ ବିଶ୍ୱାଳଙ୍କ ଝିଅ ଅମ୍ରିତା। ବନ୍ତ ବ୍ଲକରୁ ଏକମାତ୍ର ଛାତ୍ରୀ ଭାବେ ସେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ଗାଇଡ୍ ଶିକ୍ଷକ ସଞ୍ଜୟକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଏହି ସଫଳତା ମିଳିଥିବା ଅମ୍ରିତା କହିଛନ୍ତି। ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଜିଲାସ୍ତରୀୟ ପ୍ରଦର୍ଶନୀରେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ଅମ୍ରିତା।

# ଜାତୀୟ ରାଜପଥରେ ବେଆଇନ ପାର୍କିଂ


ରାସ୍ତା ଜାମ୍‌ରେ ଫସି ରହିଥିବା ପୋଲିସ ଭ୍ୟାନ୍।

**ପାଟଣା,୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇଟାଙ୍ଗିରୀ, ତୁରୁମୁଙ୍ଗା ଦେଇ ଯାଇଥିବା ବ୍ୟସ୍ତ ବହୁଳ ମୁମ୍ବାଇ-କୋଲକାତା ୪୯ନଂ. ଜାତୀୟ ରାଜପଥର ଖିରେଇଟାଙ୍ଗିରୀଠାରୁ ତୁରୁମୁଙ୍ଗା ପର୍ଯ୍ୟନ୍ତ ରାଜପଥ ଉପରେ ବେଇଆନ ପାର୍କିଂ ଯୋଗୁ ଅସନ୍ତୋଷ ବଢ଼ି ଚାଲିଛି। ଉକ୍ତ ରାସ୍ତାରେ ଆଇରନ ବୋଝେଇ ଟ୍ରକ୍ ସହ ବିଭିନ୍ନ ଭାରିଯାନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଗାଡ଼ିଗୁଡ଼ିକ ଖିରେଇଟାଙ୍ଗିରୀ ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା ସମ୍ମୁଖରେ ପାର୍କିଂ କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ରାଜପଥ ଉପରେ ବେଆଇନ ପାର୍କିଂ ଯୋଗୁ ଦୈନନ୍ଦିନ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନହାନୀ ହେଉଥିବା ନଜିର ରହିଛି। ମଙ୍ଗଳବାର ଉକ୍ତ ରାସ୍ତାରେ ଶତାଧିକ ଗାଡ଼ି ବେଆଇନ ଭାବେ ପାର୍କିଂ କରିଥିବାରୁ ଏକ ପୋଲିସ ଭ୍ୟାନ ଆଗକୁ ଯାଇ ନ ପାରି ଦୀର୍ଘ ସମୟ ଧରି ଫସି ରହିଥିଲା। ସ୍ଥାନୀୟ ପୋଲିସ ଏବଂ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବଢୁଛି ଅସନ୍ତୋଷ

## ଟ୍ରକ୍ ଧକ୍କାରେ ୩ ଯୁବକ ଗୁରୁତର ନେଇ ଉତ୍ତେଜନା

**ବାସୁଦେବପୁର, ୩।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ମନ୍ଦାରୀ ବନ୍ଧସାହି ଛକଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଟ୍ରକ୍ ଧକ୍କାରେ ୩ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଂଶଡ଼ା ଥାନା ଅଧୀନ ବଳଭଦ୍ରପ୍ରସାଦ ଗ୍ରାମର ଚଗୁଲୁ ନାୟକ, କଇଥଖୋଲାର ସୁକୁରା ଦାସ ଓ ଶରତ ମଣ୍ଡଳ। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ୩ଜଣ ଏକ ବାଇକ୍‌ରେ ଧାମରା ଆଡୁ ବାସୁଦେବପୁର ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ବାସୁଦେବପୁର ଓ ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଟ୍ରକକୁ ଅଟକ ରଖିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ହକି ବିଶ୍ୱକପ୍ ପାଇଁ ବ୍ୟାନର ପ୍ରଦର୍ଶନ



ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ବ୍ୟାନର ପ୍ରଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର ଓ ଅଧ୍ୟାପକ।

**ଚମ୍ପୁଆ,୩।୧(ଡି.ଏନ୍.ଏ)**

ହକି ଖେଳାଳିମାନଙ୍କୁ ଉତ୍ସାହିତ କରିବା ଓ ବିଶ୍ୱକପ୍‌କୁ ସ୍ୱାଗତ ପରିପେକ୍ଷୀରେ କେନ୍ଦୁଝର ଜିଲା ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବ୍ୟାନର ପ୍ରଦର୍ଶନ କରାଯାଇଛି। ଅଧ୍ୟକ୍ଷ ବିପିନ ବିହାରୀ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୁକ୍ତ ୨ ଓ ୩ର ଛାତ୍ରୀଛାତ୍ର ବ୍ୟାନର ପ୍ରଦର୍ଶନ କରି ହକି ବିଶ୍ୱକପ୍ ପାଇଁ ଶୁଭକାମନା ଜଣାଇବା ସହ ସ୍ଲୋଗାନ ଦେଇଥିଲେ। ହକି ବିଶ୍ୱକପ୍ ଖେଳର ପ୍ରସାର ଓ ପ୍ରଚାର ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସ୍ୱାଧୀନ ସିଂ, ପୂର୍ଣ୍ଣଚନ୍ଦ୍ର ଗିରି, ଡ. ସୁନିଲ କୁମାର ସାହୁ, ଡ. ସମୀର କୁମାର ସାହୁ, ଦୁଃଖବନ୍ଧୁ ମହାନ୍ତ, ଲିପିକା ପ୍ରଧାନ, ସନ୍ତୋଷ ଗିରି, ଅଶୋକ କୁମାର ପଣ୍ଡା, କୁନାଲ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ନାବାଳିକାଙ୍କୁ ଅସଦାଚରଣ ନେଇ ଉତ୍ତେଜନା

**ଜଳେଶ୍ୱର, ୩।୧(ଡି.ଏନ.ଏ.)**

ନୂଆବର୍ଷ ଉପଲକ୍ଷେ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତ ଉପରଡୋଟା ଗାଁରେ ନାଚଗୀତ ଆସର 'ଢୁବୁନ' ଚାଲିଥିବା ବେଳେ ନୃତ୍ୟରତ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ସମ୍ପର୍କୀୟମାନେ ଯୁବକଙ୍କୁ ଅଟକ ରଖିଥିଲେ। ଏହା ପରଦିନ ଯୁବକ ସେଠାରୁ ଉଦ୍ଧାର ହେବା ପରେ ପ୍ରତିଶୋଧ ନେବା ଲାଗି ନାବାଳିକାଙ୍କ କେତେକ ସମ୍ପର୍କୀୟଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା।

ପାରମ୍ପରିକ ନୃତ୍ୟ ଚାଲିଥିବା ବେଳେ ପାଖ ଗାଁର ଜଣେ ଯୁବକ ନାଚଗୀତରେ ସାମିଲ ହୋଇଥିଲେ। 'ଢୁବୁନ୍'ରେ ନୃତ୍ୟ କରୁଥିବା ଜଣେ ନାବାଳିକାଙ୍କୁ ଯୁବକଜଣକ ଅସଦାଚରଣ କରିବାରୁ ତାଙ୍କ ପିଉସୀ ଏହାକୁ ବିରୋଧ କରିଥିଲେ। ସନ୍ଧ୍ୟାରେ ଯୁବକ ଓ ତାଙ୍କ ସାଙ୍ଗସାଥି ପୁଣି ଗାଁକୁ ଆସି ନାବାଳିକା ଓ ତାଙ୍କ ପୀଉସିଙ୍କୁ ମାରଧର କରିଥିଲେ। ଗ୍ରାମବାସୀ ଯୁବକଙ୍କୁ ଦୀର୍ଘ ସମୟ ଅଟକ ରଖିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ରାଇବଣିଆ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଉପସ୍ଥିତିରେ ଯୁବକଙ୍କୁ ଛଡ଼ାଯାଇଥିଲା। ପରଦିନ ଯୁବକ କେତେଜଣ ସାଙ୍ଗମାନଙ୍କ ସହ ପୁଣି ନାବାଳିକାଙ୍କ ଘରକୁ ଆସି ତାଙ୍କ ସାନଭଉଣୀ, ଭାଇ, ମା', ପୀଉସା ଓ ପିଉସୀଙ୍କୁ ଆକ୍ରମଣ କରିବା ସହିତ ଗଛରେ ବାନ୍ଧି ଦେଇଥିଲେ। ଏ ସମ୍ପର୍କରେ ଉଭୟ ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ଆପୋଷ ସମାଧାନ କରାଯାଇଥିବା ବେଳେ ନାବାଳିକାଙ୍କ ବାପା କାହିଁକି ପୋଲିସକୁ ଜଣାଇଲେ ବୋଲି ତାଙ୍କୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଅଭିଯୋଗ ହୋଇଛି।

# ମଙ୍ଗଳପୁର-ଭୀମକୁଣ୍ଡ ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

**ପାଟଣା, ୩।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମଙ୍ଗଳପୁରରୁ ଭୀମକୁଣ୍ଡ ପର୍ଯ୍ୟନ୍ତ ୧୧ କି.ମି. ୮୦୦ ମିଟର ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୧୯ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ଉପାଧ୍ୟକ୍ଷା ବୀଣାପାଣି ନାୟକ, ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସରପଞ୍ଚ ବିନତି ବାନାରା, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ କୁମାର ରାଉତ, ଏସ୍‌ଡିଓ ମହେଶ୍ୱର ସେଠୀ, ସହକାରୀ ଯନ୍ତ୍ରୀ ମହେଶ୍ୱର ପାଶା, ବିଜେଡି ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ, ଠିକାଦାର ସଂସ୍ଥା ଅଲେଖ ଇନଟ୍ରା କୋନ ପ୍ରାଇଭେଟ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଶିବନାରାୟଣ ମିଶ୍ର, ତରୁଣ ଦେହୁରୀ, ବିଜେଡି ନେତା ସୁମିତ ପତି ପ୍ରମୁଖ ଉପସ୍ଥିତ ଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ଜଗନ୍ନାଥ ନାଏକ ଓ ଅନ୍ୟମାନେ।

# ତଦନ୍ତ ନ ହେଲେ ଆନ୍ଦୋଳନ

### ମୋରଡ଼ା ବ୍ଲକରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

**ମୋରଡା,୩।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ରାଜ୍ୟ କଂଗ୍ରେସ ସମ୍ପାଦକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ନ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦାଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକର ଅନେକ ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହୋଇ ଟଙ୍କା ଆତ୍ମସାତ କରାଯାଇଛି। ନୂଆଖଳିଆ, ସାନମୁଣ୍ଡାବଣି, ପଳାସମୁଣ୍ଡୁଳି, ଭାଲିଆଡିହା, ଜୁଆଳିଭଙ୍ଗା ପଞ୍ଚାୟତର ଅନେକ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସେମାନଙ୍କ ନାମରେ ଟଙ୍କା ଉଠାଣ ହୋଇଛି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନ ହୋଇ ମଧ୍ୟ ବିଲ୍ ଉଠାଣ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ନୂଆଖଳିଆ ପଞ୍ଚାୟତ ଗୋପାଳ ଧଳ ଛକଠାରୁ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଛି। ସେହିପରି ଉକ୍ତ ପଞ୍ଚାୟତର ନୂଆଖଳିଆ ପୋଲଠାରୁ ଡୁମୁରିଆ ପର୍ଯ୍ୟନ୍ତ ଆଡିବନ୍ଧ କାର୍ଯ୍ୟ ନ ହୋଇ ଲକ୍ଷ ଲକ୍ଷ ଟଙ୍କା ଉଠାଣ ହୋଇଛି। ଏହି ପଞ୍ଚାୟତର ଅନ୍ୟ କେତେକ କାର୍ଯ୍ୟ ମଧ୍ୟ ଅନୁରୂପ ଭାବରେ ହୋଇଥିବା ବେଳେ ଅନ୍ୟ କେତେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଅନୁମୋଦିତ ବ୍ୟୟ ଅଟକଳ ମୂଲ୍ୟ ଅପେକ୍ଷା କାର୍ଯ୍ୟ ବାବଦରେ ଅଧିକ ଟଙ୍କା ଖର୍ଚ୍ଚ ହୋଇ ଟଙ୍କା ଉଠାଣ ହୋଇଛି। ଏନେଇ କଂଗ୍ରେସ ନେତା ମହାପାତ୍ର ଦଳୀୟ କର୍ମୀମାନଙ୍କ ସହ ମୋରଡ଼ା ବିଡିଓ ସାଗର ପାଲୋଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ମାସକ ମଧ୍ୟରେ ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ବିଡିଓ ପାଲୋ କହିଛନ୍ତି।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଜାନୁୟାରୀ, ୨୦୨୨



## ସଂକ୍ଷେପରେ

### ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

ଆରଡ଼ି/ଭଦ୍ରକ ଅଫିସ, ୩।୧ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ପାଳସାହି ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ଖଟୁଆଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା ଓ କର୍ମଚାରୀ ପରିଷଦ ସମ୍ପାଦକ ଅଧ୍ୟାପକ ନିହାରଞ୍ଜନ କରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ରାଜେନ୍ଦ୍ର ହୋତା ଓ ବିଜୟ ପରିଡା ଅତିଥି ଭାବେ ଯୋଗଦେଇ ବଂଶୀଧର ବହୁ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ଯୋଗୁ ଏହି ଅନୁଷ୍ଠାନରେ ହଜାର ହଜାର ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇପାରୁଛନ୍ତି ବୋଲି କହିଥିଲେ। ବାବାମଣି ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ପ୍ରାଧ୍ୟାପକ ଧୀରେନ ପାତ୍ର, ପ୍ରାଧ୍ୟାପିକା କନକଲତା ବେହେରା, ସତ୍ୟାନନ୍ଦ ରାୟ, ପୁଷ୍ପରେଣୁ ଜେନା, ଅମରେନ୍ଦ୍ର ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଅନିଲ କୁମାର ରାଉତ ଅତିଥି ପରିଚୟ ଦେଇଥିବା ବେଳେ ପ୍ରତିଷ୍ଠାତାଙ୍କ ଝିଅ ମହାବିଦ୍ୟାଳୟ କର୍ମଚାରୀ ନିବେଦିକା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### କେନ୍ଦୁଝରରେ 'ଉଠୋ ଜାଗୋ ଅମୃତ ମହୋତ୍ସବ ଯୁବଯାତ୍ରା'

କେନ୍ଦୁଝର,୩।୧(ସ୍ୱ.ପ୍ର.): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର କେନ୍ଦୁଝର ଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ସନ୍ଦେଶ ପ୍ରଚାର ପ୍ରସାର ନିମନ୍ତେ 'ଉଠୋ ଜାଗୋ ଅମୃତ ମହୋତ୍ସବ ଯୁବ ଯାତ୍ରା' ମଙ୍ଗଳବାର କେନ୍ଦୁଝର ସହର ପରିକ୍ରମା କରିଛି। ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିକୃତି ଥିବା ରଥକୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନରଣପୁରଠାରେ ଏହି ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯିବା ପରେ ଶୋଭାଯାତ୍ରା ମଣ୍ଡୁଆ ଛକ, କଚେରୀ, ଗାନ୍ଧୀ ଛକ ଦେଇ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ପହଞ୍ଚିଥିଲା। ଶୋଭାଯାତ୍ରା ବଳଦେବଜୀଉଙ୍କ ମନ୍ଦିର ନିକଟରେ ରହିଥିଲା। ସେଠାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ ସ୍ୱାଗତ ଜଣାଇଥିଲେ।

### ଶତାୟୁ ବୈକୁଣ୍ଠ ମହାନ୍ତଙ୍କ ପରଲୋକ

ପାଟଣା,୩।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମର ଶତାୟୁ ଧର୍ମ ପରାୟଣ ବ୍ୟକ୍ତି ବୈକୁଣ୍ଠ ମହାନ୍ତଙ୍କ ମଙ୍ଗଳବାର ସକାଳେ ୧୦୭ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମଙ୍ଗଳପୁର ବୈତରଣୀ ନଦୀକୂଳ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ବଡ଼ ପୁଅ ଭଜୁ ମୁଖାଗ୍ନି ଦେଇଥିଲେ। ଗତ ଅକ୍ଟୋବର ୧ରେ ଭାରତ ସରକାରଙ୍କ ପକ୍ଷରୁ ନିର୍ବାଚନ ଆୟୋଗ ରାଜୀବ କୁମାରଙ୍କ ପ୍ରଦତ୍ତ ଶତାୟୁ ନାଗରିକ ପ୍ରମାଣ ପତ୍ର ,ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଘରୁ ବାହାରି ପାରୁନାହାନ୍ତି ୯ ପରିବାର

## ଗୋଚର ଜମି ଅବରୋଧ

ବାହାନଗା, ୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ରୂପଖଣ୍ଡ ଗ୍ରାମରେ ଥିବା ଗୋଚର ଜମି ଉପରେ ଏକ ରାସ୍ତାକୁ ଏକ ପରିବାର ପକ୍ଷରୁ ଅବରୋଧ କରି ରାସ୍ତା ମଝିରେ ବାଡ ଘେରି ଦେଇଛନ୍ତି। ଫଳରେ ୯ଟି ପରିବାର ଘରୁ ବାହାରି ପାରୁନାହାନ୍ତି।

ରୂପଖଣ୍ଡ ଗ୍ରାମର ଉତ୍ତର ସାହିର ଅସ୍ତିଆପୋଖରୀଠାରୁ ଲୋଚନ ମହାଲିକଙ୍କ ଘର ପର୍ଯ୍ୟନ୍ତ ଲାଗିଥିବା ଗୋଚର ଜମିରେ ଥିବା ରାସ୍ତାର ଦୁଇପାର୍ଶ୍ୱରେ ଥିବା ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘରୋଇ ଜମି ୧୧୯୮ ନଂ. ପ୍ଲଟ ଓ ଅନ୍ୟ ପଟେ ଥିବା ୧୧୯୬ନଂ. ପ୍ଲଟ ମଝିରେ ଯାଇଥିବା ୧୦ ଡିସିମିଲି ଗୋଚର ଜମିରେ ଥିବା ରାସ୍ତାକୁ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ଜବରଦସ୍ତ ରାସ୍ତାରେ ବାଡ ବସାଇ ଅବରୋଧ କରି ନିଜ ବାଡି ସହିତ ମିଶାଇ ଦେଇଛନ୍ତି। ଫଳରେ ଉତ୍ତରସାହି କଡରେ ଥିବା ୯ ପରିବାର ଲୋକମାନେ ଘରୁ ବାହାରି ପାରୁନାହାନ୍ତି।


ଗୋଚର ଜମିରେ ବାଡ଼ବୁଜି ଅବରୋଧ କରାଯାଇଛି।

ଏନେଇ ୨୦୧୯ରେ ଯାତାୟାତ ପାଇଁ ସେହି ସ୍ଥାନରେ ଗଣ୍ଡଗୋଳ ହେବା ସହିତ ରାସ୍ତାକୁ ସେତେବେଳେ ସେହି ପରିବାର ଅବରୋଧ କରିଦେଇଥିଲେ। ମାତ୍ର ସାହି ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିବା ପରେ ସୋର ପୋଲିସ୍ , ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜମି ମପାଯାଇ ଅବରୋଧ ହଟାଯାଇଥିଲା। ୧୦ଡିସିମିଲି ଜମି ଉପରେ ପ୍ରଶାସନ ଲାଲ୍ ପତାକା ପୋତି ଚିହ୍ନଟ କରି ଗୋଚର ଜମିର ପ୍ଲଟ ନମ୍ବର ୬୯୮ କୁ ଅବରୋଧମୁକ୍ତ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକେ ନିଜର ଜମି ବାବଦରେ ସିଭିଲ୍ କେସ୍ ଜିଲା ମାଜିଷ୍ଟ୍ରେଟ୍ଙ୍କଠାରେ ଏକ ପିଏଲ୍ଆଇ କରିଥିଲେ। ପରେ ବୃନ୍ଦାବନ ବେହେରା ଗୋଚର ଜମିରେ ଥିବା ରାସ୍ତାକୁ ଅବରୋଧ ହଟାଇବା ନିମନ୍ତେ ଡବ୍ଲୁପି(ସି) ନମ୍ବର ୫୫୨/୨୦ ରେ ଏକ ମାମଲା ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ତା ୩୧।୧୨ ।୨୦୨୨ ରିଖରେ ସରକାରୀ ଅମିନ ସମେତ ପ୍ରଶାସନ ଯାଇ ଗୋଚର ଜମିର ଥିବା ରାସ୍ତାକୁ ବିବାଦୀୟ ସ୍ଥାନରେ ମପାମପି କରି ୧୦କଡି ରାସ୍ତା ବାହାରିବାରୁ ପ୍ରଶାସନ ଗଲା ପରେ ସେଠାରେ କୌଣସି ଜମି ବାହାରି ନ ଥିବା ଦାବି କରି ପୁନର୍ବାର ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକେ ଜବରଦସ୍ତ ରାସ୍ତା ମଝିରେ ବାଡଘେରି ଅବରୋଧ କରି ରଖିଛନ୍ତି। ଏ ବାବଦରେ ତହସିଲଦାର ରାଜେନ୍ଦ୍ର ନାରାୟଣ କର କହିଛନ୍ତି, ଅମିନ ଆରଆଇଙ୍କୁ ପଠାଇ ମପାମପି କରିବା ପରେ ବିବାଦୀୟ ସ୍ଥାନରେ ଗୋଚର ଜମି ରାସ୍ତା ୧୦କଡି ବାହାରିଛି । ତେବେ ଅବରୋଧ ବିଷୟରେ ଉପଜିଲାପାଳଙ୍କଠାରୁ ଯାହା ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ବିର୍ଲା ଟାୟାର୍ସ ସମ୍ମୁଖରେ ଶ୍ରମିକ ଉତ୍ତେଜନା

ବାଲେଶ୍ୱର ଅଫିସ, ୩।୧

ବାଲେଶ୍ୱର ସହର ବାମପଦାସ୍ଥିତ ବିର୍ଲା ଟାୟାର୍ସ କାରଖାନା ଦୀର୍ଘଦିନ ଧରି ବନ୍ଦ ଥିବା ବେଳେ ଶ୍ରମିକ ଅଶାନ୍ତି ଲାଗି ରହିଛି। କମ୍ପାନୀ କର୍ତ୍ତୃପକ୍ଷ ଦେବାଳିଆ ହୋଇଯାଇଥିବା ବେଳେ ଦୀର୍ଘଦିନ ଧରି ଶ୍ରମିକ ଓ କର୍ମଚାରୀମାନେ ନିଜର ପାରିଶ୍ରମିକ ଅର୍ଥ ପାଇ ନ ଥିବାରୁ ଏନେଇ ମାମଲା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନସିଏଲ୍ଟି)ରେ ବିଚାରାଧୀନ ରହିଛି। କିଛିଦିନ ପୂର୍ବରୁ ଏନସିଏଲ୍ଟି କମିଟି ସହ ଜିଲା ପ୍ରଶାସନ ଓ ଶ୍ରମିକ ସଂଘମାନଙ୍କ ଆଲୋଚନା ପରେ ମଙ୍ଗଳବାର କମ୍ପାନୀ କର୍ତ୍ତୃପକ୍ଷ ଆରପିଜି (ରେକମଣ୍ଡେଡ଼ ପ୍ରାକ୍ଟିସ ଗାଇଡଲାଇନ) ନିୟମ ଅନୁସାରେ ବିର୍ଲା ଟାୟାର୍ସ ପରିସରରୁ କିଛି ସାମଗ୍ରୀ ବାହାର କରୁଥିଲେ। ଏହି ସମୟରେ ଶ୍ରମିକମାନେ ଖବରପାଇ ବିର୍ଲା ଟାୟାର୍ସ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିରୋଧ କରିଥିଲେ। ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି।

# 'ମୋ ଭଉଣୀକୁ ହତ୍ୟା କରାଯାଇଛି'

ଧାମନଗର, ୩।୧(ଡି.ଏନ୍.ଏ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ସୋହଡ଼ା ଗ୍ରାମର ଲୋପାମୁଦ୍ରା ସାହୁ ନାମ୍ନୀ ମହିଳାଙ୍କର ସୋମବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଅଧିକ ଯୌତୁକ ପାଇଁ ତାଙ୍କ ଭଉଣୀକୁ ହତ୍ୟା କରାଯାଇଥିବା ମୃତ ଲୋପାମୁଦ୍ରାଙ୍କ ଭାଇ କାର୍ତ୍ତିକ ଯତି ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ୨୦୧୮ରେ ଲୋପାମୁଦ୍ରା ଏହି ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହର ୬ ମାସ ପରେ ଅଧିକ ୫୦ ହଜାର ଟଙ୍କା ଦାବି କରି ଶାଶୁଘର ଲୋକେ ଲୋପାମୁଦ୍ରାଙ୍କୁ ନିର୍ଯାତନା ଦେଇଆସୁଥିଲେ। ସୋମବାର ରାତିରେ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି। ଧାମନଗର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧାମନଗର ଥାନାଧିକାରୀ ବନମାଳୀ ବାରିକ କହିଛନ୍ତି।

# ଗୋରୁ ବେପାରୀଙ୍କ ଆକ୍ରମଣରେ ୨ ପୋଲିସ କର୍ମଚାରୀ ଆହତ

## ୭ ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୩।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ଡୁଭା ଗ୍ରାମରେ ସୋମବାର ରାତିରେ ଗୋରୁ ବେପାରୀଙ୍କ ଆକ୍ରମଣରେ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବେପାରୀମାନେ ଗୋରୁଗୁଡ଼ିକୁ ଚଲାଇ ଚଲାଇ ନେଉଥିବା ବେଳେ ଡୁଭା ଗ୍ରାମବାସୀ ସେମାନଙ୍କୁ ଅଟକାଇଥିଲେ। ଫଳରେ ଗ୍ରାମବାସୀ ଓ ଗୋରୁବେପାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ ବାଦାମପାହାଡ଼ ଥାନା ପୋଲିସ ପହଞ୍ଚି ଗୋରୁଗୁଡ଼ିକୁ ଜବତ କରିବା ସମୟରେ ବେପାରୀମାନେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଅକ୍ରମଣରେ ପୋଲିସ ଗାଡ଼ି ଚାଳକ ସୁବ୍ରତ କୁମାର ମହାନ୍ତ ଓ କନଷ୍ଟେବଲ ଘାସୀରାମ ମହାନ୍ତ ଆହତ ହୋଇଛନ୍ତି। ପରେ ପୋଲିସ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦର୍ଶନ ବିରୁଆ, ବିକ୍ରମ ଟୁଡୁ, କ୍ଷେତ୍ରମୋହନ ବେହେରା, ସେକ୍ ନାସିରୁଦ୍ଦିନ ଖାନ୍, ଯାମଦା ଥାନା ଅଞ୍ଚଳର ଦୁର୍ଗାଚରଣ ମାରାଣ୍ଡି, ଘାଗରବେଡ଼ା ଥାନା ଅଞ୍ଚଳର ଉଦୟନାଥ ମହାନ୍ତ ଓ ଝାଡ଼ଖଣ୍ଡ ଅଞ୍ଚଳର ଶିବ ଚରଣ ଗୋପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨/୨୦୨୩) ରୁଜୁ ହୋଇଥିବା ଆଇଆଇସି ଅମ୍ବିକା ଦାସ କହିଛନ୍ତି।

# ଯୁବନେତାଙ୍କ ମାଳ ମାଳ ହୋର୍ଡିଂ

ନୀଳଗିରି, ୩।୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ତଥା ଆଖପାଖ ଅଞ୍ଚଳରେ ନବବର୍ଷ ଅବସରରେ ଶୁଭେଚ୍ଛା ଜଣାଇ ମାଳମାଳ ବ୍ୟାନର ଓ ହୋର୍ଡିଂ ଲଗାଯାଇଛି। ବିଶେଷ କରି ବଜାର ଛକରୁ ପଞ୍ଚାୟତ ଛକ ପର୍ଯ୍ୟନ୍ତ ନେତାଙ୍କ ବ୍ୟାନର ଦେଖିବାକୁ ମିଳିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ଦଳୀୟ ଟିକେଟରେ ନିର୍ବାଚନ ଲଢ଼ିବାକୁ ଯାଉଥିବା ବିଭିନ୍ନ ବର୍ଗର ଆଶାୟୀ ପ୍ରାର୍ଥୀ ସର୍ବସାଧାରଣରେ ଜନସମର୍ଥନ ପାଇବାକୁ ଲକ୍ଷ୍ୟ ରଖି ଏହି ହୋର୍ଡିଂ ଲଗାଇଛନ୍ତି। ଆଶାୟୀଙ୍କ ସଂଖ୍ୟା ବଢ଼ିବା ସହିତ ନୂଆ ଯୁବନେତାଙ୍କ ହୋର୍ଡିଂକୁ ନେଇ

# ତ୍ରିଧାରା ପର୍ଯ୍ୟଟନସ୍ଥଳୀର ହେବ ବିକାଶ


ତ୍ରିଧାରା ପର୍ଯ୍ୟଟନସ୍ଥଳୀ।

କରଞ୍ଜିଆ,୩।୧

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅଧୀନ ତ୍ରିଧାରା ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ସରକାର ମଞ୍ଜୁରୀ ପ୍ରଦାନ କରିଥିବା ସ୍ଥାନୀୟ ବିଧାୟିକା ତଥା ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି।

ତ୍ରିଧାରାର ପର୍ଯ୍ୟଟନସ୍ଥଳୀର ପ୍ରାକୃତିକ ସୌନ୍ଦର୍ଯ୍ୟରେ ମୋହିତ ହୋଇ ପ୍ରତ୍ୟେକ ଦିନ ଆଗନ୍ତୁକମାନେ ବଣଭୋଜି ପାଇଁ ଛୁଟି ଆସିଥାନ୍ତି। ଏହା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇ ନ ଥିବା ବେଳେ ପ୍ରାକୃତିକ ଶୋଭାରାଶିରେ ଭରପୁର। ତ୍ରିଧାରା ହେଉଛି ଶିମିଳିପାଳ ପାଦଦେଶରୁ ବାହାରିଥିବା ଦେଓନଦୀର ଉପଧାର। ଏହା କୁଳୁକୁଳୁ ନାଦ କରି ସ୍ୱଚ୍ଛ ଓ ଶୀତଳ ବାରିଧାରାରେ ଗାଁ ମୁଣ୍ଡଦେଇ ୩ ଧାରରେ ବୋହିଯାଉଛି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସୀମା ନିର୍ଦ୍ଧାରଣ କରୁଥିବା ଏହି ତ୍ରିଧାରା ଜଳରାଶି ସାଧାରଣ ଲୋକଙ୍କ ମନରେ ଭରିଦିଏ ଅସରନ୍ତି ଆନନ୍ଦ। ଶିମିଳିପାଳର ବରେହିପାଣି, ଜୋରନ୍ଦା, ଦେବକୁଣ୍ଡ ଓ ଭୀମକୁଣ୍ଡ ଭଳି ଚିରସ୍ରୋତା ତ୍ରିଧାରାର ମଧ୍ୟ ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହାର ବିକାଶ ପାଇଁ ସରକାର ଅର୍ଥ ମଞ୍ଜୁର କରିଥିବାରୁ ତ୍ରିଧାରା ବିକାଶ ମଞ୍ଚ ପକ୍ଷରୁ ମନ୍ତ୍ରୀ ହେମ୍ବ୍ରମ ତଥା ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# 'କଳା, ସଂସ୍କୃତି ଓ ବୀର ଶହୀଦଙ୍କ ମାଟି ଭଦ୍ରକ'

ଭଦ୍ରକ ଅଫିସ,୩।୧

ଭଦ୍ରକ କଳା, ସଂସ୍କୃତି ଓ ବୀର ଶହୀଦଙ୍କ ମାଟି। ଆମର କଳା, ସଂସ୍କୃତି ଓ ସ୍ୱାଭିମାନକୁ ଉଜ୍ଜୀବିତ କରି ରଖିବା ସହ ଲୁକ୍କାୟିତ ପ୍ରତିଭାଙ୍କୁ ସମ୍ମୁଖକୁ ଆଣିବା ଦିଗରେ ସମସ୍ତଙ୍କ ପ୍ରଚେଷ୍ଟା ଆବଶ୍ୟକ ବୋଲି ଭଦ୍ରକର ଐତିହାସିକ ଗାନ୍ଧୀପଡ଼ିଆଠାରେ ୭ମ ସାଂସ୍କୃତିକ ମହୋତ୍ସବକୁ ଉଦ୍ଘାଟନ କରିବା ଅବସରରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଥିଲେ। କମିଟି ସଭାପତି ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଖବରଦାତା ଡ. ହରିହର ନାୟକ, ବରେଣ୍ୟ ଅତିଥି ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ପାରିଷଦଙ୍କ ପ୍ରତିନିଧି ସୂର୍ଯ୍ୟ


ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସାଂସ୍କୃତିକ ମହୋତ୍ସବକୁ ଉଦ୍ଘାଟନ କରୁଛନ୍ତି।

ଦାସ, ପାରିଷଦ ଦିଲୀପ ନାୟକ ଓ ସେକ୍ ସଇଦ ଯୋଗ ଦେଇଥିଲେ। ଅଧ୍ୟାପକ ନିହାର ରଞ୍ଜନ କର ଅତିଥି ପରିଚୟ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ବେଦପାଠ ଓ କମିଟି ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟି ଆବାହକ ଅବିନାଶ ପଣ୍ଡା, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ସଦସ୍ୟ ଜଗବନ୍ଧୁ ବେହେରା, ଅଜୟ ପଣ୍ଡା, ପ୍ରଭାତ ଜେନା, ସୁବ୍ରତ ଦୀକ୍ଷିତ, ସାଂସ୍କୃତିକ ଆବାହକ ବି. ପୀତାମ୍ବର ରେଡ୍ଡୀ, ଅତିଶ ଦାସ, ସୁପ୍ରଭା ପାଣି, କବୟିତ୍ରୀ ଚୈତାଳି ଖିଲାର, ମନୋରମା ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୋର ଜନତା କଳା ପରିଷଦର ବାର୍ଷିକ ଉତ୍ସବ

ସୋର, ୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅଧୀନ ଜନତା କଳା ପରିଷଦର ୬୬ତମ ବାର୍ଷିକ ଉତ୍ସବ ଟାଉନ୍ ହଲ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ତବଲା ଗୁରୁ ନନ୍ଦକିଶୋର ଦାସ ଓ ମୁଖ୍ୟବକ୍ତା ଭାବେ ସଙ୍ଗୀତ ଗୁରୁ ବନମାଳୀ ଜେନା ଯୋଗଦେଇ ସଙ୍ଗୀତ ବାଦ୍ୟ ହିଁ ବ୍ୟକ୍ତିକୁ ଏକ ଆତ୍ମଚିନ୍ତନର ପରିବେଶ ପ୍ରଦାନ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପରିଷଦ ସଭାପତି ରମାକାନ୍ତ ନାୟକ, ସାମାଜିକ କର୍ମୀ ଜୟଦେବ ତ୍ରିପାଠୀ, ସୁରେନ୍ଦ୍ର ଦାସ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ମାନସ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଲକ୍ଷ୍ମୀଧର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସଙ୍ଗୀତ ଗୁରୁ ମଧୁସୂଦନ ରାଉତ। ଏହି ଅବସରରେ ନନ୍ଦକିଶୋର ଦାସ ଓ ବନମାଳୀ ଜେନାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ କୁମାର ମଲ୍ଲିକ, ସୁଦର୍ଶନ ରାଉତ, ଜିତେନ୍ଦ୍ର ବେହେରା, ଭୁବନେଶ୍ୱରୀ ମହାପାତ୍ରଙ୍କ ସହ ପରିଷଦ ପରିଚାଳନା କମିଟି ସମସ୍ତ ସଦସ୍ୟା/ସଦସ୍ୟା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଁରେ ପଶିଲା ହାତୀ

## ଗ୍ରାମବାସୀ, ବନବିଭାଗ ରାତି ଉଜାଗର

ରୂପସା, ୩।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା, ପଶ୍ଚିମ ସିମୁଳିଆ, ଜହତା ଓ କୂଳ ଗ୍ରାମରେ ସୋମବାର ରାତିରେ ଏକ ଦନ୍ତା ହାତୀ ପଶିଆସିବା ଫଳରେ ଗାଁଲୋକେ ଭୟଭୀତ ହୋଇପଡ଼ିଥିଲେ। ଏହି ଦନ୍ତା ମୟୂରଭଞ୍ଜ ଜିଲାରୁ ବଡ଼ଗୁମା ଦେଇ ପଶିଆସିଥିଲା। ଖବରପାଇ ବନବିଭାଗ ପହଞ୍ଚି ଶତାଧିକ ଗ୍ରାମବାସୀଙ୍କ ସହଯୋଗରେ ବାଣ ଫୁଟାଇ ହାତକୁ ଘଉଡ଼ାଇଥିଲେ।

ଜହତା ଗ୍ରାମରୁ କୂଳ ଗାଁଦେଇ ନଦୀ କୂଳ ଜଙ୍ଗଲ ଆଡକୁ ଘଉଡ଼ାଇବାକୁ ଗାଁ ଲୋକ ଓ ବନ ବିଭାଗକୁ ରାତିତମାମ



ଉଜାଗର ହେବାକୁ ପଡ଼ିଥିଲା। ଜହତା ଗ୍ରାମର ଦାଶରଥି ମାଝିଙ୍କ ଘର ଭାଙ୍ଗି ହାତୀ ଧାନ ଖାଇ ଯାଇଥିବା ଦେଖିବାକୁ ମିଳିଥିଲା। ବାରମ୍ବାର ଗଡ଼ପଦା ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ସମୟରେ ହାତୀ ଉପଦ୍ରବ ଦେଖାଦେଉଥିଲେ ହେଁ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ଲାଗିରହିଛି।

# କ୍ରୀଡ଼ା ପ୍ରତିଭା ଦେଖାଇଲେ ଯୁବଗୋଷ୍ଠୀ


ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଫୁଟବଲ ଖେଳି ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରୁଛନ୍ତି ।

## ହକି ପାଇଁ ଉତ୍ସାହ

ଖଇରା, ୩।୧(ଡି.ଏନ.ଏ.)

ଆସନ୍ତା ୧୩ତାରିଖରୁ ହକି ବିଶ୍ୱକପ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସିମୁଳିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ସ୍ତରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଖଇରା ବ୍ଲକର ମାଣିତ୍ରୀ, ବରଦା, ବର୍ତ୍ତନା, ରଟିଣା, କୁପାରୀ ଓ ଖଇରା ସମେତ ୩ନଂ. ଓ ୬ନଂ. ଜୋନର ସମସ୍ତ ପଞ୍ଚାୟତରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରଟିଣା ପଞ୍ଚାୟତରେ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଓଡିଶାରେ ହକି ବିଶ୍ୱକପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଣୁ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା ଏବଂ ବିଶ୍ୱବାସୀଙ୍କୁ ସ୍ୱତନ୍ତ୍ର ବାର୍ତ୍ତା ପ୍ରଦାନ ପାଇଁ ପ୍ରତି ପଞ୍ଚାୟତ, ବ୍ଲକ ସ୍ତରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସରପଞ୍ଚ ବାସନ୍ତୀ ମହାନ୍ତି, ସମିତିସଭ୍ୟା ଛବିଲତା ମହାପାତ୍ର, ଭଦ୍ରକ ସରକାରୀ ସିଟି ସ୍କୁଲ ପ୍ରାକ୍ତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ପ୍ରାକ୍ତନ ଶିକ୍ଷକ ସୁଦର୍ଶନ ସାହୁ ଓ ନିରଞ୍ଜନ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଲିବଲ, ଫୁଟବଲ କ୍ରିକେଟ ପ୍ରତିଯୋଗିତାରେ ବିଜୟୀ ଟିମ୍ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଖଇରା ପଞ୍ଚାୟତ ବଣପାରିଆ ପଡିଆରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ଆଳଦା ସତ୍ୟସାଇ କ୍ଲବ ଜିଆଣିପଦାକୁ ୧୦ ଉଇକେଟରେ ପରାସ୍ତ କରିଥିଲା। ବିଜୟୀ ଓ ରନର୍ସଅପ ଟିମ୍କୁ ବିଧାୟକ ପାଣିଗ୍ରାହୀ ପୁରସ୍କୃତ କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ୨ ବ୍ଲକର ଯୁବ ବିଜେଡି ସଭାପତି ଗଦାଧର ଜେନା ଓ ରାଜେନ୍ଦ୍ର ନାୟକ, ସରପଞ୍ଚ ମାଳତୀ ସେଠୀ ଓ ସମିତିସଭ୍ୟା ନର୍ମଦା ଦେଓ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ କର୍ମଚାରୀ ଶଶିକାନ୍ତ ଦାସ ଓ ଅନନ୍ତ କୁଅଁର ସମସ୍ତ ପଞ୍ଚାୟତସ୍ତରୀୟ କ୍ରୀଡା, ଭାଗିରଥି ପାଢୀ, ପ୍ରଶାନ୍ତ ତ୍ରିପାଠୀ, ରାମଚନ୍ଦ୍ର ପତ୍ରୀ, ରଘୁନାଥ ପତ୍ରୀ ବଣପାରିଆ କ୍ରିକେଟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ସାରକୋଣା ପ୍ରତିଯୋଗିତାରେ ଚାମ୍ପିୟନ ସାରକୋଣା ଗ୍ରାମ କ୍ରିକେଟ ଟିମ୍କୁ ସରପଞ୍ଚ ସୁଶାନ୍ତ କୁମାର ନାୟକ ଓ ନିର୍ବାହୀ ଅଧିକାରୀ ଚଗୁଲୁ ସିଂ ସିଲ୍ଡ ପ୍ରଦାନ କରିଥିଲେ।

# ହକି ବିଶ୍ୱକପ୍ ଟ୍ରଫି ଜିଲା ପରିକ୍ରମା ପାଇଁ ପ୍ରସ୍ତୁତି

ଭଦ୍ରକ ଅଫିସ, ୩।୧

ଆସନ୍ତା ୯ ତାରିଖରେ ହକି ବିଶ୍ୱକପ୍ ଟ୍ରଫି ଭଦ୍ରକ ଜିଲା ପରିକ୍ରମା କରିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ସଂସ୍କୃତି ଭବନରେ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଟ୍ରଫି ପରିକ୍ରମାର ସମସ୍ତ ପ୍ରସ୍ତୁତି ବିଷୟରେ ସୂଚନା ଦେଇଛନ୍ତି। ୮ ତାରିଖ ସନ୍ଧ୍ୟାରେ ମଇତାପୁରଠାରେ ବାଲେଶ୍ୱର ଜିଲା ପ୍ରଶାସନଠାରୁ ଟ୍ରଫି ଗ୍ରହଣ କରାଯାଇ ସର୍କିଟ୍ ହାଉସ୍କୁ ନିଆଯିବ। ସେଠାରେ ରାତ୍ର ରହଣି ପରେ ୯ ତାରିଖ ସକାଳେ ବାସୁଦେବପୁର ଗସ୍ତ କରି ପ୍ରତ୍ୟାବର୍ତ୍ତନ ସମୟରେ ଭଦ୍ରକ କଲେଜରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହେବ। ପରେ ମୁଖ୍ୟ ସ୍ୱାଗତ ଉତ୍ସବସ୍ଥଳ ନେହେରୁ ଷ୍ଟାଡିୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡ଼ା, ରଙ୍ଗୋଲି, ଝୋଟି, ପେଣ୍ଟିଙ୍ଗ୍, ବାଲୁକା କଳା ଆଦି ଜରିଆରେ ଟ୍ରଫିକୁ ସାଧାରଣ ଜନତାଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ମଧ୍ୟାହ୍ନରେ ଯାଜପୁର ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ଏହି ଉପଲକ୍ଷେ ସକାଳ ୭ଟାରେ ଗାନ୍ଧୀପଡ଼ିଆରୁ ନେହେରୁ ଷ୍ଟାଡିୟମ ପର୍ଯ୍ୟନ୍ତ ମିନି ମାରାଥନ ସହ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ହକି ଟ୍ରଫି ପାଇଁ ଥିବା ଜର୍ସିକୁ ଜିଲାପାଳ ଓ ଅତିରିକ୍ତ ଜିଲାପାଳ ପ୍ରଦର୍ଶିତ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ରାମଦାସ ଟୁଡୁ, ଜିଲା କ୍ରୀଡ଼ା ଅଧିକାରୀ ଅନୁପ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ହକି ଜର୍ସି ପ୍ରଦର୍ଶନ କରୁଛନ୍ତି।

